## ସଂକ୍ଷେପରେ

### କାର୍ତ୍ତିକେଶ୍ୱର ପୂଜା ପାଇଁ ବୈଠକ

ବଇଣ୍ଡା,୬।୧୧(ଡି.ଏନ.ଏ.): କିଶୋରନଗର ବ୍ଲକ ବଇଣ୍ଡା ଠାରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ବଇଣ୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଦନ ମୋହନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରମାକାନ୍ତ ବେହେରା, ସନ୍ତୋଷ କୁମାର ସାହୁ, ବିରଞ୍ଚି ମହାପାତ୍ର, ନନ୍ଦ କିଶୋର ବେହେରା, ବିକାଶ ସାହୁ, ମନୋଜ ଶଙ୍ଖାରି, ପ୍ରଶ୍ନ ବେହେରା ଯୋଗ ଦେଇଥିଲେ। ଏଥିରେ କିଭଳି ପୂଜା ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ନୂତନ ପୂଜା କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଜିତେନ୍ଦ୍ର ବେହେରା, ସମ୍ପାଦକ ଲଛମନ ଦାସ, କୋଷାଧକ୍ଷ ଭାବେ ଆଲୋକ ବେହେରାଙ୍କୁ ଚୟନ କରାଯାଇଥିଲା।

### ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୬।୧୧(ଡି.ଏନ.ଏ.): କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ରମାଦେବୀ ସାହୁଙ୍କୁ ସେହି ଗ୍ରାମର ଅନିଲ ମାଝି ଶନିବାର ପଥର ମାଡ଼ କରିଥିବା ବଇଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୭୩/୨୧ରେ ଏକ ମାମଲା ରୁଜୁ କରିଛି। ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, ରମାଦେବୀ ଓ ଅନିଲଙ୍କ ମଧରେ ଟଙ୍କା ଧାରକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ଶୁକ୍ରବାର ରମାଦେବୀ ଘରେ ଥିବାବେଳେ ଅନିଲ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

### ଗଞ୍ଜେଇ ବସ୍ତା, ଟ୍ରାକ୍ଟର ଜବତ

ଛେଣ୍ଡିପଦା,୬।୧୧(ସ୍ୱ.ପ୍ର.): ଛେଣ୍ଡିପଦା ଥାନା ନୂଆଗାଁ ପଞ୍ଚାୟତ ଅଞ୍ଚଳରେ ପୋଲିସ ଚଢାଉ କରି ଏକ ବସ୍ତା ଗଞ୍ଜେଇ, ଗୋଟିଏ ଟ୍ରାକ୍ଟର ଓ ବାଇକ୍ ଜବତ କରିବା ସହିତ ଏଥିରେ ସମ୍ପୃକ୍ତି ଅଭିଯୋଗରେ ଜଣକୁ ଗିରଫ କରିଛି। ଭାଲୁବୋଲ ଅଞ୍ଚଳରେ ଗଞ୍ଜେଇ ପ୍ୟାକିଂ କରାଯାଇ ଟ୍ରାକ୍ଟରରେ ଚାଲାଣ ହେଉଥିବା ଖବରପାଇ ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାଶ ଓ ଏଏସ୍ଆଇ ଅରୁଣ ବେହେରା କାଳିଆ ଓରଫ ସୁରେନ୍ଦ୍ର ନାଏକଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିଥିଲେ। ଏ ନେଇ ଛେଣ୍ଡିପଦା ଥାନାରେ ମାମଲା ରୁଜୁ କରାଯାଇଛି।

### ଆମ୍ବସରମୁଣ୍ଡାକୁ ହରାଇ ପେଡିପଥର ଚାମ୍ପିୟନ



ବଇଣ୍ଡା,୬।୧୧(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଟାପଡୋଲ ଗ୍ରାମ ଖେଳପଡିଆରେ ଚାଲିଥିବା ଦିନିକିଆ ଟାପଡୋଲ କପ୍ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ପେଡିପଥର ଓ ଆମ୍ବସରମୁଣ୍ଡା କ୍ଲବ ମଧରେ ଖେଳାଯାଇଥିଲା। ଆମ୍ବସରମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୫୨ ରନ ସଂଗ୍ରହ କରିଥିଲା। ଜବାବରେ ପେଡିପଥର ୫୩ ରନ କରି ଚାମ୍ପିୟନ ହୋଇଥିଲା। ପେଡିପଥରର ହାପି ମ୍ୟାନ ଅଫ ଦି ମ୍ୟାଚ ଓ ରାଜୁ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ନୀତାଶ ବେହେରା, ସତ୍ୟବ୍ରତ ସାହୁ ଖେଳ ପରିଚାଳନା କରିଥିବା ବେଳେ ସାମାଜିକ କର୍ମୀ ଅର୍ଜୁନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଗ୍ରାମ ସଭାପତି ଲମ୍ବୋଦର ପ୍ରଧାନ, ବିଭୂତି ଭୂଷଣ ପ୍ରଧାନ, ଜଗନ ପ୍ରଧାନ, ପ୍ରେମଚାନ୍ଦ ସାହୁ, ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଶିବୁଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ ଅଫିସ, ୬।୧୧

### ଯାଯାବର ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଉଦ୍ୟମ ମାମଲା



ଦୋଷୀ ସାବ୍ୟସ୍ତ ହୋଇଥିବା ଶିବୁ ପଟ୍ଟନାୟକ।

ଅନୁଗୋଳ ସହରର ଜଣେ ଯାଯାବର ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଜିଲା ପୋକ୍ସୋ କୋର୍ଟ ଶନିବାର ଅଭିଯୁକ୍ତ ଶିବୁ ପଟ୍ଟନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମୋଟ ୩୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜିଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ବିଚାରପତି ଅଗସ୍ତି କୁମାର ସାହୁ ଏହି ରାୟ ଦେଇଥିବା କୋର୍ଟ ସୂତ୍ରରୁ ସୂଚନା ମିଳିଛି।

ମାମଲାରୁ ପ୍ରକାଶ, ୨୦୧୯ ଜୁଲାଇ ୨୦ ତାରିଖ ବିଳମ୍ବିତ ରାତିରେ ବସ୍‌ଷ୍ଟାଣ୍ଡସ୍ଥିତ ଆହାର କେନ୍ଦ୍ର ପଛପାର୍ଶ୍ୱରେ ଏହି ସ୍ୱର୍ଶକାତର ଘଟଣା ଘଟିଥିଲା। ମହାରାଷ୍ଟ୍ର ରାଜ୍ୟ ନାଗପୁରର ସମ୍ପୃକ୍ତ ଯାଯାବର ପରିବାର ଅନୁଗୋଳରେ କାମ କରି ଗୁଜୁରାଣ ମେଣ୍ଟାଉଥିଲେ। ବାଳସୁଧାର ଗୃହ ନିକଟ ଦୋକାନ ବାରଣ୍ଡାରେ ସେମାନେ ରାତ୍ରି ଯାପନ କରୁଥିଲେ। ୨୦ ତାରିଖ ବିଳମ୍ବିତ ରାତିରେ ସମ୍ପୃକ୍ତା ନାବାଳିକା ମାଇଁଙ୍କ ନିକଟରେ ଶୋଇଥିବାବେଳେ ତାଙ୍କୁ ଉଠାଇ ନେଇ ବଳାତ୍କାର ପରେ ହତ୍ୟା ଉଦ୍ୟମ କରାଯାଇଥିଲା। ନାବାଳିକା ଜଣଙ୍କ ମୃତ ଭାବି ନିକଟରେ ଥିବା ଅଳିଆଗଦାକୁ ଫିଙ୍ଗି ଦିଆଯାଇଥିଲା। ଏହା ପରଦିନ ନାବାଳିକାଙ୍କୁ ନ ପାଇ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତେବେ ଚେତାଶୂନ୍ୟ ଅବସ୍ଥାରେ ଅଳିଆଗଦାରେ ଜଣେ ନାବାଳିକା ପଡ଼ିଥିବା ସଫେଇ କର୍ମଚାରୀ ଦେଖିଥିଲେ। ଖବରପାଇ ପରିବାର ଲୋକେ ଚିହ୍ନଟ କରିବା ପରେ ସହରରେ ଆଲୋଡ଼ନ ଖେଳି ଯାଇଥିଲା। ଘଟଣାସ୍ଥଳକୁ ତତ୍କାଳୀନ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପ୍ରମୁଖ ପହଞ୍ଚିଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମର ସହାୟତା ନିଆଯାଇଥିଲା। ସଂଜ୍ଞାହୀନ ଅବସ୍ଥାରେ ଥିବା ନାବାଳିକାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ କଟକ ପଠାଯାଇଥିଲା। ନାବାଳିକାଙ୍କ ମାଇଁ ଥାନାରେ ଅଭିଯୋଗ କରିବା ପରେ ଘଟଣାର ଗୁରୁତ୍ୱକୁ ଦେଖି ତତ୍କାଳୀନ ଏସ୍‌ପି ମହାପାତ୍ର ତଦନ୍ତର ମନିଟରିଂ କରିଥିଲେ। ୫ ଜଣଙ୍କୁ ଉଠାଇ ନେଇ ପଚରାଉଚରା ବେଳେ ଅମଳାପଡ଼ାର ଶିବୁ ପଟ୍ଟନାୟକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଅଢ଼େଇ ବର୍ଷ ପରେ ଏହି ମାମଲାର ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପୋକ୍ସୋ ପବ୍ଲିକ୍ ପ୍ରସିକ୍ୟୁଟର ସରୋଜ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ଅବକାରୀ କର୍ମଚାରୀ ୩ ଘଣ୍ଟା ଅଟକ



ଅବକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଛନ୍ତି।

ଆଠମଲ୍ଲିକ,୬।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ ଦୁଧିଆନାଳି ଗ୍ରାମ ଚଢକାନାଳ ନିକଟରେ ଚୋରା ଦେଶୀମଦ ରନ୍ଧା ଯାଉଥିବା ଖବରପାଇ ଚଢ଼ାଉ ପାଇଁ ଶନିବାର ପୂର୍ବାହ୍ନରେ ଯାଇଥିବା ଅବକାରୀ ବିଭାଗ ଉପ ଆରକ୍ଷୀ ପ୍ରଫୁଲ୍ଲ କୁମାର ପତି ଓ ତାଙ୍କ ଟିମ୍‌କୁ ୩ ଘଣ୍ଟା ଅଟକ ରଖାଯାଇଥିଲା। ସୂଚନା ପାଇ ଆଠମଲ୍ଲିକ ଥାନାର ବ୍ରହ୍ମାନନ୍ଦ ସାହୁ ପହଞ୍ଚି ବୁଝାଶୁଝା କରିବା ପରେ ଗ୍ରାମବାସୀ ଅଟକଙ୍କୁ ଛାଡ଼ି ଦେଇଥିଲେ। ପ୍ରକାଶ ଯେ, ଚଢ଼ାଉ କରିବାକୁ ଯାଇଥିବା ଅବକାରୀ ଅଧିକାରୀଙ୍କ ଗାଡ଼ିରେ ସ୍ଥାନୀୟ ମଦଭାଟି ମ୍ୟାନେଜର ବସିଥିବା ଦେଖି ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଅବକାରୀ ବିଭାଗ କର୍ମଚାରୀଙ୍କ ଗାଡି ଗାଁ ମଝିରେ କ୍ଷୀପ୍ର ଗତିରେ କାହିଁକି ଯାତାୟାତ କରୁଛି ଏବଂ ସରକାରୀ ଦେଶୀ ମଦଭାଟି ମ୍ୟାନେଜରଙ୍କ କଥାରେ ଅବକାରୀ ବିଭାଗ କର୍ମଚାରୀ ପରିଚାଳିତ ହେଉଥିବା ଅଭିଯୋଗ କରି ସେମାନଙ୍କୁ ଅଟକ ରଖିଥିଲେ।

# ଆରମ୍ଭ ହେବ ସ୍ୱତନ୍ତ୍ର ଟିକାକରଣ ଅଭିଯାନ

ଅନୁଗୋଳ ଅଫିସ,୬।୧୧

ଅନୁଗୋଳ ଜିଲାରେ ୯୦ ପ୍ରତିଶତ ଟିକାକରଣକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଆରମ୍ଭ କରାଯିବ। ଏହି ଅଭିଯାନର ଠିକ୍ ପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଟିକା ନେବାରୁ ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡନ୍ତି ସେଥିପାଇଁ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଭାବେ ଏକ ଯୁଗ୍ମ ଅନୁସନ୍ଧାନ ଟାସ୍କ ଫୋର୍ସ ଗଠନ କରାଯିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାରେ ବାଦ୍ ପଡିଥିବା, ସାମିଲ ହୋଇ ନ ଥିବା ଓ ରୋଗ ପ୍ରତିରୋଧ ଶକ୍ତି କମ୍‌ଥିବା ୨ ବର୍ଷର ଶିଶୁମାନଙ୍କୁ ସ୍ଥିରୀକୃତ ଟିକାକରଣ ଡୋଜ୍ ଦିଆଯିବ। ୯୦ ପ୍ରତିଶତରୁ ଅଧିକ ସଫଳତା ପାଇଁ ଡିପିଟି ବୋଷ୍ଟର (ପ୍ରଥମ ଓ ଦ୍ୱିତୀୟ) ଡୋଜ୍ ଟିକାକରଣ କରାଯିବ। ୧୦୦ ପ୍ରତିଶତ ଗର୍ଭବତୀ ମହିଳାମାନଙ୍କୁ ଟିଡି ଟିକାକରଣର ସମସ୍ତ ଡୋଜ୍ ଦିଆଯିବ। ନଭେମ୍ବରରୁ ଜାନୁୟାରୀ ୨୦୨୨ ମଧ୍ୟରେ ଏହି ଲକ୍ଷ୍ୟ ପୂରଣ କରାଯିବ। ପ୍ରତି ୭ ଦିନ ସରକାରୀ ଦିବସରେ ୩ ରାଉଣ୍ଡରେ ଏହି ଟିକାକରଣ କରାଯିବ। ଏ ନେଇ ସଚେତନତା ସୃଷ୍ଟି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ସ୍ୱତନ୍ତ୍ର ଟିକାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱବିହାରୀ ମହାନ୍ତି, ଦିଲୀପ ସାମଲଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

# ଉନ୍ନୟନ ଯୋଜନାର ସମୀକ୍ଷା

ବଇଣ୍ଡା,୬।୧୧(ଡି.ଏନ.ଏ.)

ରାଜ୍ୟ ସରକାର ବହୁ ଜନକଲ୍ୟାଣକାରୀ ଯୋଜନା ପ୍ରଚଳନ କରିଛନ୍ତି। ସେଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେବା ଆବଶ୍ୟକ। ତେଣୁ ସରକାରୀ କର୍ମଚାରୀମାନେ ଅଧିକ ଦାୟିତ୍ୱବାନ ହୋଇ ଶୀଘ୍ର କାର୍ଯ୍ୟ ସମାପ୍ତି ଦିଗରେ ଧ୍ୟାନ ଦିଅନ୍ତୁ ବୋଲି ଶନିବାର କିଶୋରନଗର ବ୍ଲକ ସଭା ଗୃହ ପରିସରରେ ଅନୁଷ୍ଠିତ ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଏହି ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ ସଭାପତିତ୍ୱ କରିଥିଲେ। ବିଡିଓ ଡ. ସ୍ୱରୂପା ନନ୍ଦ ସାହୁ, ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନଙ୍କ ସମେତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ବିଧାୟକ ଓ ଅନ୍ୟ ଅଧିକାରୀମାନେ।

# ବଅଁରପାଳରେ କାଳୀପୂଜା

ବଅଁରପାଳ,୬।୧୧(ଡି.ଏନ.ଏ.)

ବଅଁରପାଳ ଓ ନାଲ୍‌କୋ ଅଞ୍ଚଳରେ ଶୁକ୍ରବାରଠାରୁ କାଳୀପୂଜା ଅନୁଷ୍ଠିତ ହେଉଛି। ଗୁରୁବାର ରାତିରେ ନିକଟସ୍ଥ ଜଳାଶୟରୁ ପୂଜା କମିଟି କର୍ମକର୍ତ୍ତାମାନେ କଳସ ଶୋଭାଯାତ୍ରାରେ ପାଣି ଆଣି ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ଏହାପରେ ଦେବୀଙ୍କ ବିଧିପୂର୍ବକ ପୂଜାର୍ଚ୍ଚନା ହୋଇଥିଲା। ବଅଁରପାଳ ପୂଜା କମିଟି ସଭାପତି ରୁଦ୍ର ନାରାୟଣ ସିଂ, ଆଣ୍ଟୋନି ସିଂ, ଟୁକୁ ବେହେରା, ବାବୁନି ସିଂ ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି। ସେହିପରି କୁଲାଡ଼ ଗ୍ରାମରେ ମଧ ମା'ଙ୍କ ପୂଜା ପାଳିତ ହେଉଛି। ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଏହି ପୂଜା ଅନୁଷ୍ଠିତ ହେଉଛି। ରାଜୀବ ଜେନା, ବିପ୍ଳବ ଜେନା, ସଂଗ୍ରାମ ଜେନା, ବିଭବ ଜେନା, ପ୍ରଣବ ଜେନା ପ୍ରମୁଖ ସହଯୋଗ କରୁଛନ୍ତି। ରବିବାର ଭସାଣି କାର୍ଯ୍ୟକ୍ରମ ହେବ। ଏଥିସହ ମେନ୍ ଗେଟ ଛକ ଓ ପରିବା ମାର୍କେଟ ଛକରେ ମା'ଙ୍କ ପୂଜା ପାଳିତ ହୋଇଛି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

ବଅଁରପାଳ,୬।୧୧(ଡି.ଏନ.ଏ.)

୧୫ ଦିନ ମଧ୍ୟରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ସମସ୍ୟାର ସମାଧାନ କରା ନ ଗଲେ ଟାଟା ଷ୍ଟିଲ୍ ବିଏସ୍ଏଲ୍ କମ୍ପାନୀ ମୁଖ୍ୟ ଫାଟକ ଅବରୋଧ କରାଯିବ। ଶନିବାର ଆଞ୍ଚଳିକ ଶିଳ୍ପାଞ୍ଚଳ କ୍ଷତିଗ୍ରସ୍ତ ପ୍ରଜାସଂଘ ଓ ବ୍ରାହ୍ମଣୀ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି, ସଂଘ ତରଫରୁ ବହୁବାର କମ୍ପାନୀ କର୍ତ୍ତୃପକ୍ଷ ଓ ଢେଙ୍କାନାଳ ଜିଲାପାଳଙ୍କ ସହ ତ୍ରିପାକ୍ଷିକ ଆଲୋଚନା କରାଯାଇଛି। ଗତ ଅଗଷ୍ଟ ୧୯ ତାରିଖରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ବେଳେ ସଂଘ ପକ୍ଷରୁ ୧୩ ଦଫା ଦାବିପତ୍ର ଦିଆଯାଇଥିଲା। କିନ୍ତୁ ପାଖାପାଖି ୩ ମାସ ବିତି ଯାଇଥିଲେ ସୁଦ୍ଧା ପଦକ୍ଷେପ ସମ୍ପର୍କରେ କୌଣସି ସୂଚନା ମିଳୁନାହିଁ। ତେଣୁ ୧୫ ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଆସନ୍ତା ୨୫ ତାରିଖରେ ଆନ୍ଦୋଳନ କରାଯିବ ବୋଲି ପ୍ରଜାସଂଘ ସଭାପତି ଗଙ୍ଗାଧର ସାମଲ, ଉପସଭାପତି ନରେନ୍ଦ୍ର କୁମାର ସାହୁ, ଯୁଗ୍ମସମ୍ପାଦକ ବିନୋଦ କୁମାର ସାହୁ, କୋଷାଧକ୍ଷ ଅଖିଳ କୁମାର ମହାପାତ୍ର, ବ୍ରାହ୍ମଣୀ ଟ୍ରକ୍ ମାଲିକ ସଂଘ ଉପସଭାପତି ବସନ୍ତ କୁମାର ସାହୁ, ଉଭୟ ସଂଘ ସମ୍ପାଦକ ବିଜୟ କୁମାର ଧଳ ଓ ଆଇନ ପରାମର୍ଶଦାତା ନରୋତ୍ତମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ କିରାଣିଙ୍କ ମୃତ୍ୟୁ

ଛେଣ୍ଡିପଦା,୬।୧୧(ଡି.ଏନ.ଏ.)

ଅନୁଗୋଳ–ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର କଙ୍କରେଇ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ବୁଲାଣିଠାରେ ଶନିବାର ଗଛରେ ପିଟି ହୋଇ ଛେଣ୍ଡିପଦା ସବ୍‌ରେଜିଷ୍ଟ୍ରାର ଅଫିସ କିରାଣି ସଞ୍ଜୀବ କୁମାର ଭୂତିଆଙ୍କ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ସଞ୍ଜୀବ ସବୁଦିନ ପରି ଅନୁଗୋଳରୁ ଛେଣ୍ଡିପଦାସ୍ଥିତ କାର୍ଯ୍ୟାଳୟକୁ ନିଜ ସ୍କୁଟିରେ ଆସୁଥିଲେ। ତେବେ କଙ୍କରେଇ ଉଚ୍ଚ ବିଦ୍ୟାଳୟ ନାଳ ନିକଟସ୍ଥ ବୁଲାଣିରେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇ ଯାଇଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ଥାନା ଏଏସ୍ଆଇ ସରୋଜିନୀ ବାଘ ଓ କର୍ମଚାରୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ଝୁଲନ୍ତା ମୃତଦେହ ଜବତ

ପାଲଲହଡ଼ା,୬।୧୧(ଡି.ଏନ.ଏ.)

ପାଲଲହଡ଼ା ଥାନା ବଡିସୁଆଁ ପଞ୍ଚାୟତ ପୁରୁଣାପାଣି ଗ୍ରାମ ନିକଟ ଜଙ୍ଗଲରୁ ଶନିବାର ଜଣେ ଅଜଣା ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ଗ୍ରାମବାସୀ ଜଙ୍ଗଲକୁ ଯାଇଥିବାବେଳେ ଏକ ଗଛରେ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଏ ସଂକ୍ରାନ୍ତରେ ନମ୍ବର ୨୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପରାଓ ଟୁଡୁ ପ୍ରକାଶ କରିଛନ୍ତି।

# ୭୨ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ ଅଫିସ,୬।୧୧

ଏଆଇୟୁଟିୟୁସି ସହବନ୍ଧିତ ବାବା ଚନ୍ଦ୍ରେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଶନିବାର ଏକ ରକ୍ତଦାନ ଶିବିର ଅମଳାପଡାସ୍ଥିତ ଜୟଦୁର୍ଗା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଟିପିସିଓଡିଏଲ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁବ୍ରତ ସାହୁ ଏବଂ ୟୁନିୟନ ସଭାପତି ଶ୍ରମିକ ନେତା ଜୟସେନ ମେହେର ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମିଟର ରିଡର, ବିଲ୍ କଲେକ୍ଟର ଓ ଟିପିସିଓଡିଏଲ୍‌ର ଅଧିକାରୀମାନଙ୍କ ସମେତ ସ୍ଥାନୀୟ ଯୁବତୀଯୁବକମାନେ ରକ୍ତଦାନ କରିଥିଲେ। ମୋଟ୍ ୭୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ୟୁନିୟନ କାର୍ଯ୍ୟକାରୀ ସଭାପତି ମାନସ ପାଳ, ସମ୍ପାଦକ ଦୀପକ କୁମାର ସିଂ, ସୁକାନ୍ତ ସାହୁ, ଦିଲୀପ ବିଶ୍ୱାଳ, ପ୍ରଫୁଲ୍ଲ ସାହୁ, ପ୍ରତାପ ସାହୁ, ଦିନେଶ ମହାପାତ୍ର, ବାଉରିବନ୍ଧୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।




ଶିବିରରେ ଉପସ୍ଥିତ ରକ୍ତଦାତା ଓ ଆୟୋଜକମାନେ।

# ସଚେତନତା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କର

ଅନୁଗୋଳ ଅଫିସ,୬।୧୧



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ଅନୁଗୋଳ ଜିଲାରେ ଏଚ୍‌ଆଇଭି ଓ ଏଡ୍‌ସ୍ ଭୟାବହତାକୁ ଦୃଷ୍ଟିରେ ରଖି ସଚେତନତା ସହ ବିଭିନ୍ନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ଭାବେ କରିବାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶନିବାର ଅନୁଷ୍ଠିତ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି କିନ୍ନରମାନଙ୍କ କାଉନସେଲିଂ କରିବାକୁ ପରାମର୍ଶ ଦେଇଛନ୍ତି। ଏଚ୍‌ଆଇଭି ନିୟନ୍ତ୍ରଣ ନିମନ୍ତେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଯୋଜନାବଦ୍ଧ ଭାବେ କାର୍ଯ୍ୟକାରୀ କରିବାକୁ ଜିଲାପାଳ କହିଛନ୍ତି। ଏଡସ୍ ସଚେତନତା ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକୁ ଜିଲାପାଳ ସମୀକ୍ଷା କରିବା ସହ ଏହାର କାର୍ଯ୍ୟଧାରାରେ ନୂତନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ଚଳିତବର୍ଷ ସାମାଜିକ ସହାୟତା ଯୋଜନାରେ ସାମିଲ ପାଇଁ ୧୨ ହଜାର ୩୮୨ ଜଣ ଆବେଦନ କରିଥିବା ବେଳେ ୧୨ ହଜାର ୧୬୭ ଜଣକୁ ସହାୟତା ଯୋଗାଇ ଦିଆଯାଇଛି। ଚଳିତବର୍ଷ ଡିସେମ୍ବର ୧ ତାରିଖରେ ଜିଲାର ସମସ୍ତ ସ୍କୁଲ ଓ କଲେଜରେ ବିଶ୍ୱ ଏଡ୍‌ସ୍ ଦିବସ ପାଳନ କରାଯିବା ନିମନ୍ତେ ପଦକ୍ଷେପ ନିଆଯିବ। ସେହିପରି ମମତା ଦିବସ ସବୁ ବ୍ଲକରେ ଯେପରି ଠିକ୍ ଭାବେ ପାଳନ କରାଯିବ ସେଥିପାଇଁ ବିଶେଷ ପଦକ୍ଷେପ ନେବାକୁ ଜିଲାପାଳ କହିଛନ୍ତି। ଡିପିଏମ୍ ଡା. ପ୍ରମିଳା ହୋତା ପାୱାର ପଏଣ୍ଟ ମାଧ୍ୟମରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତ୍ରିଲୋଚନ ପ୍ରଧାନ ଏଡସ୍ ଓ ଏଚ୍‌ଆଇଭି ନିୟନ୍ତ୍ରଣ ସମ୍ପର୍କରେ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱବିହାରୀ ମହାନ୍ତି, ଦିଲୀପ ସାମଲଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଶିକ୍ଷ ସଂସ୍ଥା କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ୮ରେ ବ୍ଲକ ଘେରିବ ଭାଜପା

ଅନୁଗୋଳ ଅଫିସ,୬।୧୧

ମମିତା ମେହେର ହତ୍ୟାକାଣ୍ଡର ସିବିଆଇ ତଦନ୍ତ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଏବଂ ଗିରଫ ଦାବିରେ ଦୀର୍ଘ ୨୮ ଦିନ ହେଲା ରାଜ୍ୟରେ ଆନ୍ଦୋଳନ ଜାରି ରଖିଛି ଭାଜପା। ତେବେ ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ଦେଶରେ ମହିଳାଙ୍କ ଉପରେ ଅତ୍ୟାଚାରରେ ଓଡ଼ିଶା ପ୍ରଥମ ସ୍ଥାନରେ ଥିବାରୁ ଏହାକୁ ନେଇ ବିଜେଡି ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଜୋରଦାର କରିବାକୁ ଦଳ ପକ୍ଷରୁ ସ୍ଥିର କରାଯାଇଛି। ଅନୁଗୋଳ ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ କହିଛନ୍ତି, ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି। ଦୀର୍ଘଦିନ କ୍ଷମତାରେ ରହିବା ପରେ ଶାସକ ଦଳର କର୍ମୀ, ନେତା, ବିଧାୟକ, ମନ୍ତ୍ରୀମାନେ ଅହଙ୍କାରରେ ବୁଡ଼ିରହି ଅପରାଧ ଘଟାଇବାରେ ଲାଗିଛନ୍ତି। ତେଣୁ ଆସନ୍ତା ୮ ତାରିଖରେ ରାଜ୍ୟର ସମସ୍ତ ବ୍ଲକ ଘେରାଉ ପରିପ୍ରେକ୍ଷୀରେ ଅନୁଗୋଳ ଜିଲାର ୮ଟି ବ୍ଲକରେ ଘେରାଉ କାର୍ଯ୍ୟକ୍ରମ କରାଯିବ।

# ରେଙ୍ଗାଳି ଥାନା ଘେରାଉ

କଣିହାଁ,୬।୧୧(ଡି.ଏନ.ଏ.)




ଅଭିଯୁକ୍ତଙ୍କ ଗିରଫ ଦାବିରେ ରେଙ୍ଗାଳି ଥାନା ଘେରାଉ କରାଯାଇଛି।

କଣିହାଁ ବ୍ଲକ ରେଙ୍ଗାଳି ଥାନା ଖାଲପାଳ ଗ୍ରାମରେ ଗତ ଅକ୍ଟୋବର ୩୦ ତାରିଖରେ ସନ୍ଦେହଜନକ ଅବସ୍ଥାରେ ସାବିତ୍ରୀ ସାହୁଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଏହି ଘଟଣାରେ ପୋଲିସ ଏଯାଏ କାହାରିକୁ ଗିରଫ କରି ନ ଥିବା ପ୍ରତିବାଦରେ ସାରା ଭାରତ ମହିଳା ସାଂସ୍କୃତିକ ସଙ୍ଗଠନ କଣିହାଁ ବ୍ଲକ ପକ୍ଷରୁ ଶନିବାର ରେଙ୍ଗାଳି ଥାନା ଘେରାଉ କରାଯାଇଥିଲା। ପୂର୍ବାହ୍ନ ୧୧ଟା ବେଳେ କଣିହାଁ ବ୍ଲକ ଭାରତୀୟ ମହିଳା ସାଂସ୍କୃତିକ ସଙ୍ଗଠନ ସଭ୍ୟା ମାନସୀ ସ୍ୱାଇଁ, ପ୍ରଗତି ନାୟକ, ମିନତି ସାମଲ, ଜେମାମଣି ନାଏକ, ପଙ୍କଜିନୀ ସିଂ, ପ୍ରହଲାଦ ସାହୁଙ୍କ ନେତୃତ୍ୱରେ ଖାଲପାଳ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ରେଙ୍ଗାଳି ତାରିଣୀ ଛକରୁ ଶୋଭାଯାତ୍ରାରେ ବାହାରି ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ପରେ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରେଙ୍ଗାଳି ଥାନା ଆଇଆଇସି ଅନାମ ଲାକ୍ରାଙ୍କୁ ପ୍ରଦାନ କରିଥିଲେ। ପାଲଲହଡ଼ା ଏସ୍‌ଡିପିଓ ସୁମନ ରଞ୍ଜିତା ସିଂ ପହଞ୍ଚି ଅଭିଯୁକ୍ତ ଅରକ୍ଷିତ ସାହୁ, ଚେରୁ ସାହୁ ଓ ଲକ୍ଷ୍ମୀ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ସୂଚନା ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା।





ଅନୁଗୋଳ ବସ୍‌ଷ୍ଟାଣ୍ଡଠାରେ ହୋଇଥିବା ମା' କାଳୀଙ୍କ ମେଢ଼। ଅନୁଗୋଳ ଇନ୍ଦିରା ମାର୍କେଟ କାଳୀପୂଜା କମିଟି ମେଢ଼। (ଫଟୋ– ବୁବୁ)

**ଜଣେ ପଜିଟିଭ୍ ଚିହ୍ନଟ, ୮ ସୁସ୍ଥ**

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକରୁ ଶନିବାର ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଦିନକରେ ୧,୭୯୩ ଜଣଙ୍କ ସ୍ୱାବ୍ ପରୀକ୍ଷଣ କରାଯାଇଥିଲା। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୯ ହଜାର ୮୮୧ରେ ପହଞ୍ଚିଛି। ଏଥିସହ ୮ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ମୋଟ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୨୯କୁ ହ୍ରାସ ପାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# 'ସରକାରୀ ଜମିକୁ ସୁରକ୍ଷା ଦିଅ'

**ଢେଙ୍କାନାଳ ଅଫିସ, ୬।୧୧**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶନିବାର ଅପରାହ୍ଣରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। କରୋନା ମହାମାରୀ ସତ୍ତ୍ୱେ ଜନସାଧାରଣଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ନୂତନ ନିୟମ ଅନୁଯାୟୀ ଆବେଦନକାରୀ ଭୂମିହୀନଙ୍କୁ ଯଥାଶୀଘ୍ର ଜମିପଟ୍ଟା ଯୋଗାଇ ଦେବା ଲାଗି ପଦକ୍ଷେପ ନେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଢେଙ୍କାନାଳ ସହର ଏବଂ ସହର ଉପକଣ୍ଠରେ ଥିବା ସରକାରୀ ଜମିକୁ ଜବରଦଖଲ ମୁକ୍ତ କରି ସୁରକ୍ଷା ଦେବା ଏବଂ ସରକାରଙ୍କ ଅକ୍ତିଆରରେ ରଖିବାକୁ ରାଜସ୍ୱ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ଆଗୁଆ ପ୍ରସ୍ତୁତି ଆବଶ୍ୟକ। ଜିଲାର ସମସ୍ତ ବ୍ଲକରେ ଥିବା ବହୁମୁଖୀ ଆଶ୍ରୟସ୍ଥଳରେ ଆନୁଷଙ୍ଗିକ ବ୍ୟବସ୍ଥା କରିବା, କାର୍ଯ୍ୟାଳୟକୁ ଆସୁଥିବା କର୍ମଚାରୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ, ୫-ଟି ବ୍ୟବସ୍ଥାର ସଫଳ ରୂପାୟନ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ଆଲୋଚନାରେ ଅଂଶଗ୍ରହଣ କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଜିଲାର ଭୂମିହୀନଙ୍କୁ ଜମିପଟ୍ଟା ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସଫଳ ରୂପାୟନ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ନିମନ୍ତେ ଜିଲାସ୍ତରରେ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ସୁଦ୍ଧା ଜିଲାର ସମସ୍ତ ତହସିଲ ଅଞ୍ଚଳରେ ଥିବା ଖଣିଖାଦାନରେ ଚଢ଼ାଉ କରାଯାଇ ୨କୋଟି ୪୪ଲକ୍ଷ ୯୯ ହଜାର ୯୨ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସମୀକ୍ଷା ବୈଠକରୁ ସୂଚନା ମିଳିଛି। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ହିନ୍ଦୋଳ ଉପଜିଲାପାଳ ଉଦୟ କୁମାର ମହାପାତ୍ର, ସମସ୍ତ ବ୍ଲକର ବିଡିଓ, ତହସିଲଦାର, ଜିଲା କାର୍ଯ୍ୟାଳୟର ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟରଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ସମେତ ଜିଲାପାଳ ଏବଂ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ।

**ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା**
- ୫-ଟି ବ୍ୟବସ୍ଥାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ
- ଖଣିଖାଦାନରୁ ଆଦାୟ ହୋଇଛି ୨.୪୫କୋଟି ଜରିମାନା

**କର୍ମଚାରୀଙ୍କ ଉପରେ ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ**

ଢେଙ୍କାନାଳ ଜିଲାରେ ଲଘୁ ଖଣିଜ ଚୋରା ଚାଲାଣ ରୋକିବା ପାଇଁ ଯାଉଥିବା ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ଉପରେ ବାଲି ଓ ପଥର ବ୍ୟବସାୟୀମାନେ ଆକ୍ରମଣ କରୁଥିବା ନଜିର ରହିଛି। ପୋଲିସ ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବରୁ ଅଭିଯୁକ୍ତମାନେ ଖସି ପଳାଇବାରେ ସକ୍ଷମ ହେଉଛନ୍ତି। ଢେଙ୍କାନାଳ ଗସ୍ତରେ ଆସିଥିବାବେଳେ ଗଣମାଧ୍ୟମ ପ୍ରତିନିଧି ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତିକ୍ରିୟାରେ ମନ୍ତ୍ରୀ କହିଲେ, ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ହେଉଥିବା କୌଣସି ପ୍ରକାର ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ। ଚଢ଼ାଉ ପାଇଁ ଯାଉଥିବା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଲାଗି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସିରିଜ୍ ଦୁର୍ଘଟଣାରେ ୩ ଗୁରୁତର

**କାମାକ୍ଷାନଗର, ୬।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଡୁମୁସିଙ୍ଗା ଥାନା କନ୍ତିଓକାଟେଣୀ ଗ୍ରାମ ନିକଟରେ ଶନିବାର ସକାଳେ ସିରିଜ୍ ଦୁର୍ଘଟଣା ଘଟିଛି। ଏକ କାର୍ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଅନ୍ୟ ଏକ କାର୍‌କୁ ଧକ୍କା ଦେବା ପରେ ଏକ ବାଇକ୍ ଉପରେ ଚଢ଼ିଯାଇଥିଲା। ଫଳରେ ପଣ୍ଡୁଆ ଫାଣ୍ଡି ଅଧୀନ କୋଟଗରା ଗ୍ରାମର ପଙ୍କଜ ମଲ୍ଲିକ (୪୫), ସନାତନ ମଲ୍ଲିକ (୫୫), ରୋହିତ ମଲ୍ଲିକ (୨୫) ଗୁରୁତର ହୋଇଛନ୍ତି। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇଥିବା କାର୍‌ଟି ଚୌଦ୍ୱାର ଅଞ୍ଚଳର ହୋଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ୟପଟେ ବିନା ଟ୍ରେନରରେ ଡ୍ରାଇଭିଂ ଶିଖୁଥିବା ବେଳେ କାର୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏ ନେଇ ବିଧିବଦ୍ଧ ଭାବେ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ କରୁଛି।

### ଭୋଟର ତାଲିକା ସଂଶୋଧନ ସମୀକ୍ଷା

**ଢେଙ୍କାନାଳ ଅଫିସ, ୬।୧୧:** ଢେଙ୍କାନାଳ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଶନିବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ-୨୦୨୨ ସମ୍ପର୍କୀତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ କମିଶନଙ୍କ ପକ୍ଷରୁ ୭ତାରିଖରୁ ୨୧ ତାରିଖ ଯାଏ ସ୍ୱତନ୍ତ୍ର ପଞ୍ଜୀକରଣ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଏହାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଲାଗି କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର କରିବା, ନିର୍ଦ୍ଧାରିତ ଦିନରେ ବୁଥରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇବା, ଯୋଗ୍ୟ ଭୋଟରଙ୍କୁ ତାଲିକାଭୁକ୍ତ କରିବା, ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସେହିପରି ୨୦୨୨ ଜାନୁୟାରୀ ୧ ସୁଦ୍ଧା ୧୮ବର୍ଷ ହେଉଥିବା ସମସ୍ତ ନାଗରିକ ହେଲ୍ପଲାଇନ ଆପ୍ ଡାଉନ୍‌ଲୋଡ କରି ନାମ ପଞ୍ଜୀକରଣ କରିପାରିବେ ବୋଲି ସୂଚନା ଦିଆଯାଇଛି। ବୈଠକରେ ନିର୍ବାଚନମଣ୍ଡଳୀ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ, ସହ ପଞ୍ଜୀକରଣ ଅଧିକାରୀ ତଥା ତହସିଲଦାର, ବିଡିଓ ଏବଂ ପୌରପାଳିକା ଅଧିକ୍ଷକମାନେ ଉପସ୍ଥିତ ଥିଲେ।

### ନିତାଇଗୌର ଆଶ୍ରମରେ ଛପନ ଭୋଗ

**ପବିତ୍ରନଗର, ୬।୧୧(ଡି.ଏନ୍.ଏ.):** କଣିହାଁ ବ୍ଲକ ଗହମସ୍ଥିତ ନିତାଇଗୌର ଆଶ୍ରମରେ ଶୁକ୍ରବାର ଗିରି ଗୋବର୍ଦ୍ଧନ ପୂଜା, ଛପନ ଭୋଗ ଲାଗି ଓ ନୂତନ ରତ୍ନସିଂହାସନର ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ। ଆଶ୍ରମର ବାବାଜୀ ପ୍ରଭୁପାଦ ଦାସ, ବାବାଜୀ ପ୍ରୀତମ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ନୂଆ କାର୍ଯ୍ୟକାରିଣୀ ଗଠନ

**ଅନୁଗୋଳ ଅଫିସ, ୬।୧୧**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଅନୁଗୋଳ ନଗରର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। ମୁଖ୍ୟବକ୍ତା ଭାବେ ଜିଲା ସଙ୍ଗଠନ ସମ୍ପାଦକ ବୃନ୍ଦାବନ ମୁରୁଡି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଚିତ୍ରାନନ୍ଦ ନାୟକ ଏବଂ ସଂଘମିତ୍ରା ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ନଗର କାର୍ଯ୍ୟକାରିଣୀ ଗଠନ କରାଯାଇଥିଲା। ଶ୍ରୀତମ ପ୍ରଧାନ ନଗର ସଭାପତି, ବିଶ୍ୱଜିତ ବିଶ୍ୱାଳ ଉପସଭାପତି, ରାଜେଶ ଦେଓ ନଗର ସମ୍ପାଦକ, ସୌମ୍ୟରଞ୍ଜନ ଦେହୁରୀ ସହ ସମ୍ପାଦକ, ଶୁଭମ୍ ପ୍ରସାଦ କାର୍ଯ୍ୟାଳୟ ସମ୍ପାଦକ ଓ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରୀତେଶ୍ ସେଠୀ, ଅଲିଶାନ ସାହୁ, କାହ୍ନୁ ଚରଣ ସାମଲ ପ୍ରମୁଖ ରହିଛନ୍ତି। ଜିଲା ସଂଯୋଜକ ଗୁଣନିଧି ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।

## ବାଇକ୍-ସ୍କୁଟି ଧକ୍କା, ୨ ଆହତ

**କାମାକ୍ଷାନଗର, ୬।୧୧(ଡି.ଏନ୍.ଏ.)**

କଙ୍କଡ଼ାହାଡ଼ ବ୍ଲକ ମକୁଆକାଟେଣୀ ନିକଟରେ ଶନିବାର ଏକ ବାଇକ୍ ଏବଂ ସ୍କୁଟି ମଧ୍ୟରେ ଧକ୍କା ହୋଇଛି। ଏଥିରେ ହଳଦୀକୁଣ୍ଡି ଗ୍ରାମର ଜିତେନ୍ଦ୍ର ପ୍ରଧାନ ଏବଂ ଟୁକୁ ପ୍ରଧାନ ଗୁରୁତର ହୋଇଛନ୍ତି। ଉଭୟେ ବାଇକ୍‌ରେ ମକୁଆକାଟେଣୀ ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଉକ୍ତ ସ୍କୁଟି ସହିତ ଧକ୍କା ହୋଇଥିଲା। ସ୍କୁଟି ଆରୋହୀ ସାମାନ୍ୟ ଆହତ ହୋଇଛନ୍ତି। ଅଗ୍ନିଶମ କର୍ମଚାରୀ ସମସ୍ତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି।

## ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ



ଯୁବ ରେଡ୍‌କ୍ରସ୍‌ର କ୍ଲଷ୍ଟରସ୍ତରୀୟ କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**ଭୁବନ, ୬।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ମହିଳା ଡିଗ୍ରୀ କଲେଜ ପରିସରରେ ଶନିବାରଠାରୁ ଯୁବ ରେଡ୍‌କ୍ରସ୍‌ର କ୍ଲଷ୍ଟରସ୍ତରୀୟ କର୍ମଶାଳା ଆରମ୍ଭ ହୋଇଛି। ତହସିଲଦାର ପ୍ରଭାସ କୁମାର ବେଉରିଆ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ୩ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀଙ୍କୁ ରେଡ୍‌କ୍ରସର ଲକ୍ଷ୍ୟ, ରକ୍ତଦାନ, ବିପର୍ଯ୍ୟୟ ପରିଚାଳନା, ସଡ଼କ ସୁରକ୍ଷା, ପ୍ରାଥମିକ ଚିକିତ୍ସା, ଏଡ୍‌ସ ନିରାକରଣ ଉପରେ ସଚେତନ କରାଯିବ। ପ୍ରଥମ ଦିନରେ ସ୍ୱେଚ୍ଛାସେବୀଙ୍କୁ ଶପଥପାଠ କରାଯାଇଥିଲା। ମଠକରଗୋଳା କଲେଜ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଯୁବ ରେଡ୍‌କ୍ରସ୍ ଜିଲା ସଂଯୋଜକ ଅଧ୍ୟାପକ ଭୂପେଶ ସାହୁ, ଢେଙ୍କାନାଳ କଲେଜ ଅଧ୍ୟାପକ ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। ମହିଳା କଲେଜ ଅଧ୍ୟକ୍ଷ ଦିଲୀପ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା ଅନୁପମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ବାଜି ରାଉତ କଲେଜ, ମଠକରଗୋଳା କଲେଜ, ପିଙ୍ଗୁଆ ଡିଗ୍ରୀ କଲେଜ, ଭୁବନ ମହିଳା ଡିଗ୍ରୀ କଲେଜ, ଭୁବନ ମହିଳା ହାଇୟର ସେକେଣ୍ଡାରୀ ସ୍କୁଲର ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ, କାଉନସିଲର ଅଂଶଗ୍ରହଣ କରିଛନ୍ତି।

## ନୂଆଗଡ଼ ପୋଲ ନିର୍ମାଣ ବିଳମ୍ବ


ନିର୍ମାଣାଧୀନ ନୂଆଗଡ଼ ପୋଲ।

**ଆଠମଲ୍ଲିକ, ୬।୧୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ନୂଆଗଡ଼ ପୋଲ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟୁଥିବା ୯ ଗ୍ରାମର ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ ଗୁରୁବାର ନୂଆଗଡ ପିଢ ନିକଟରେ ଏକ ବୈଠକ ବସିଥିଲା।

ସୂଚନାଯୋଗ୍ୟ, ଆଠମଲ୍ଲିକ-ବଇଣ୍ଡା ପୂର୍ତ୍ତ ବିଭାଗ ରାସ୍ତାକଡ଼ ନୂଆଗଡ ଚଢ଼କା ନାଳରେ ପୋଲ ନିର୍ମାଣ କାର୍ଯ୍ୟ ୨୨ କୋଟି ବ୍ୟୟ ଅଟକଳରେ ୨୦୧୮ରୁ ଚାଲିଛି। ବର୍ତ୍ତମାନ ସୁଦ୍ଧା ଫାଉଣ୍ଡେଶନ କାର୍ଯ୍ୟ ସହିତ ୧୧ଟି ପିଲର କାର୍ଯ୍ୟ ହୋଇ ରଡ଼ ବନ୍ଧାରେ କାମ ଅଟକି ରହିଛି। ଠିକାସଂସ୍ଥା ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟର ଅବଧି ୨୦୨୦ ପର୍ଯ୍ୟନ୍ତ ରହିଥିଲା। ମାତ୍ର ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ପୋଲ ନିର୍ମାଣ କାମରେ ବିଳମ୍ବ ଘଟୁଛି। ପୋଲ କାର୍ଯ୍ୟ ଶେଷ ହେଉ ନ ଥିବାରୁ ଗ୍ରାମବାସୀ, ଛାତ୍ରୀଛାତ୍ର, ବୃଦ୍ଧାବୃଦ୍ଧ ଆଠମଲ୍ଲିକ ସହରକୁ ବିଭିନ୍ନ କାର୍ଯ୍ୟ ପାଇଁ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପୋଲ ନିର୍ମାଣ କାର୍ଯ୍ୟ ଶେଷ ନ ହେଲେ ନୂଆଗଡ, ଖମ୍ଭେଶ୍ୱରପାଲି, କଇରୀ ଘଟି, ଜିରାଡ଼, ମହେନ୍ଦ୍ରପୁର, ଗୋପାଳପୁର, କୁଶପୁର, ମାଳିପଦର, ପୁଇଚାଣ୍ଡିଆ ଆଦି ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହାଛଡ଼ା ଏକ ପ୍ରତିନିଧି ଦଳ ଅନୁଗୋଳ ଜିଲାପାଳ, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀଙ୍କୁ ଭେଟି ଅବଗତ କରାଇବବ। ତୁରନ୍ତ ପୋଲ ନିର୍ମାଣ କାର୍ଯ୍ୟ ଶେଷ କରି ଲୋକାର୍ପିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ ସହକାରୀ ଯନ୍ତ୍ରୀ ବିଜୟ କୁମାର ସାହୁ କହିଛନ୍ତି, ପାହାଡି ନାଳରେ ପାଣି ଥିବାରୁ ନିର୍ମାଣ କାର୍ଯ୍ୟ ଅଟକିଛି। ଠିକାଦାର ଅନ୍ୟପଥ ଦେଇ ପାଣି ନିଷ୍କାସନ କରି କାମ ଆରମ୍ଭ କରିଛନ୍ତି। ଏଥିପାଇଁ ନାଳ ଖୋଲା ଚାଲିଛି। ଖୁବ୍‌ଶୀଘ୍ର ପୋଲ ନିର୍ମାଣ କାର୍ଯ୍ୟ ଚାଲିବ।

**ଅସନ୍ତୋଷ ବ୍ୟକ୍ତ କଲେ ୯ ଗ୍ରାମର ବାସିନ୍ଦା**

## ମନ୍ତ୍ରୀଙ୍କୁ କଳା ପତାକା ପ୍ରଦର୍ଶନ


ଢେଙ୍କାନାଳ ସୁରକ୍ଷା ସମିତିର ସଦସ୍ୟଙ୍କୁ ପୋଲିସ ଥାନାକୁ ନେଉଛି।

**ଢେଙ୍କାନାଳ ଅଫିସ, ୬।୧୧**

ସମୀକ୍ଷା ବୈଠକରେ ଯୋଗଦେବାକୁ ଶନିବାର ଢେଙ୍କାନାଳ ଗସ୍ତରେ ଆସିଥିବା ବେଳେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ କଳାପତାକା ପ୍ରଦର୍ଶନ କରାଯାଇଛି। ଅପରାହ୍ଣ ପ୍ରାୟ ୨ଟାରେ ମନ୍ତ୍ରୀ କାର୍‌ରେ ଜିଲା କାର୍ଯ୍ୟାଳୟକୁ ଯିବା ସମୟରେ ଢେଙ୍କାନାଳ ସୁରକ୍ଷା ସମିତିର ୪ ସଦସ୍ୟ କଳାପତାକା ଦେଖାଇଥିଲେ। ମମିତା ମେହେରଙ୍କୁ ନ୍ୟାୟ ପ୍ରଦାନ, ଢେଙ୍କାନାଳ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ପଦବୀରୁ ହଟାଇବା, ଜମି ଜାଲିଆତି ଘଟଣାକୁ ଚାପି ଦେଇଥିବା ତତ୍କାଳୀନ ଉପଜିଲାପାଳଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ସେମାନେ ସ୍ଲୋଗାନ୍ ଦେଇଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ସୁରକ୍ଷା ସମିତି ସଦସ୍ୟ ପ୍ରିୟବ୍ରତ ଗଡ଼ନାୟକ, ବିକାଶ ନାୟକ, ଉତ୍ତମ ମହାନ୍ତି, ଶ୍ୟାମସୁନ୍ଦର ସାହୁଙ୍କୁ ଥାନାକୁ ନେଇ ଅଟକରଖିଥିଲା। ପରେ ବ୍ୟକ୍ତିଗତ ମୁଚାଲିକାରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ଯଥେଷ୍ଟ ପୂର୍ବରୁ ସୂଚନା ଥିଲେ ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ନ ଯିବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

## କାର୍ ଭିତରୁ ମିଳିଲା ଅନନ୍ତଙ୍କ ମୃତଦେହ

**ପରଜଙ୍ଗ, ୬।୧୧(ଡି.ଏନ୍.ଏ.)**

ପରଜଙ୍ଗ ଥାନା ୧୪୯ନଂ. ଜାତୀୟ ରାଜପଥର କୁଲେଇ ନିକଟ ରେଙ୍ଗାଳି ବାମପାର୍ଶ୍ୱ କେନାଲରୁ ଶନିବାର ଜଣେ ବ୍ୟବସାୟୀଙ୍କ ମୃତଦେହ କାର୍ ଭିତରୁ ଜବତ କରାଯାଇଛି। ସେ ହେଲେ ଝରଣବାହଳ ଗ୍ରାମର ଅନନ୍ତ ସିଂ। ଅନନ୍ତ ଗତ ୪ ତାରିଖଠାରୁ ନିଖୋଜ ଥିଲେ। ଏ ନେଇ ଘର ଲୋକେ ଦଦରାଘାଟି ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଶନିବାର କେନାଲ ପାଣି କମିବା ପରେ କାର୍‌ଟି ବାହାରକୁ ଦେଖାଯାଇଥିଲା। ସୂଚନା ପାଇ ପରଜଙ୍ଗ ଅଗ୍ନିଶମ ବାହିନୀ ଏବଂ ଫାଣ୍ଡି ପୋଲିସ ପହଞ୍ଚି କାର୍‌କୁ ଜବତ କରିଥିଲେ। ଗାଡ଼ି ଭିତରୁ ଜବତ କରାଯାଇଥିବା ମୃତଦେହ ଅନନ୍ତଙ୍କର ବୋଲି ପରିବାର ଲୋକେ ଚିହ୍ନଟ କରିଛନ୍ତି। ଭାରସାମ୍ୟ ହରାଇ କାର୍‌ଟି କେନାଲ ଭିତରକୁ ପଶିଯାଇଥିବା ଆଶଙ୍କା କରାଯାଉଛି। ତେବେ ଏହା ଏକ ଦୁର୍ଘଟଣା ନା ହତ୍ୟା ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି।



## ମଣ୍ଡପରେ ମା' କାଳୀ


ଢେଙ୍କାନାଳ ଜିଲା ଭୁବନ କାଳୀବଜାର ବଣିକ ସଂଘ।


ଭୁବନ ସିନେମା ହଲ୍ ଛକ।


ଢେଙ୍କାନାଳ ଟାଉନ ରେଲୱେ କଲୋନୀ ମେଢ଼।


ବଉଁରପାଳ ଅଞ୍ଚଳରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ପ୍ରତିମା।

